# DIRECTORATE OF EXTENSION EDUCATION
## ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
**ODISHA UNIVERSITY OF AGRICULTURE AND TECHNOLOGY**
**Bhubaneswar, Pin - 751003**

## ଲଘୁଚାପ ଜନିତ ମାତ୍ରାଧିକ ବୃଷ୍ଟିପାତ ପରିପ୍ରେକ୍ଷୀରେ ଫସଲ ପରିଚାଳନା ପାଇଁ ପରାମର୍ଶ

**ତା ୨୪.୦୯.୨୦୨୫**

ସାଂପ୍ରତିକ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ପୂର୍ବାନୁମାନ କରାଯାଇଛି । ଏହି ପରିସ୍ଥିତିରେ ଫସଲ ସୁପରିଚାଳନା ପାଇଁ ଚାଷୀଭାଇମାନଙ୍କୁ ନିମ୍ନୋକ୍ତ କୃଷି ପରାମର୍ଶ ପ୍ରଦାନ କରାଯାଉଛି ।

**ଧାନ :**

- ଧାନ ଜମିରୁ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ।
- ସଅଳ କିସମ ଧାନ କେଣ୍ଡାର ୮୦ ଭାଗ ପାଚି ଯାଇଥିଲେ ଅମଳ କରି ଖଳାକୁ ବୋହି ଆଣନ୍ତୁ ଓ ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ ।
- ଜମିରେ ସାର ଓ କୀଟନାଶକ ଔଷଧର ପ୍ରୟୋଗ ସାମୟିକ ଭାବେ ସ୍ଥଗିତ ରଖନ୍ତୁ ।
- ବିଳମ୍ବରେ ରୁଆ ହୋଇଥିବା ଜମିରେ ବନ୍ୟା ଦ୍ୱାରା ଧାନ ଫସଲ କ୍ଷତିଗ୍ରସ୍ତ ହୋଇ ଆବଶ୍ୟକୀୟ ଗଛ ସଂଖ୍ୟା ନଥିଲେ, ପାଣି କମିଗଲା ପରେ ଜମିର ଅନ୍ୟ ଭାଗରେ ଥିବା ଧାନଗଛ ବୁଦାକୁ ଚିରି ପିଲ ଆଣି ଶୂନ୍ୟସ୍ଥାନ ପୂରଣ କରନ୍ତୁ । ବର୍ଷା ଛାଡ଼ିବା ପରେ ୨୫% ଅତିରିକ୍ତ ପଟାସ୍ ସାର ପ୍ରୟୋଗ କରନ୍ତୁ ।
- ଅତିରିକ୍ତ ଭାବେ ଏକର ପ୍ରତି ୧୦ କି.ଗ୍ରା. ପଟାସ ସାର ତୁରନ୍ତ ପ୍ରୟୋଗ କରନ୍ତୁ ।
- ବନ୍ୟା ପରେ ପରେ ରୁଆ ବା ବୁଣା ହୋଇଥିବା ଜମିରେ ପାଣି ଜମି ରହି ଲୌହ ବିଷାକ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ । ଏହାଦ୍ୱାରା ଗଛ ପିଲ ମାରେ ନାହିଁ ଓ ଚେରଗୁଡ଼ିକ ନଷ୍ଟ ହୋଇ ଗଛ ହଳଦିଆ ପଡ଼ି ଗଛ ବୃଦ୍ଧି ପାଏ ନାହିଁ । ଏପରି ସ୍ଥଳେ ଜମିରୁ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ଓ ଏକର ପ୍ରତି ୧୦ କି.ଗ୍ରା. ପଟାସ୍ ସାର ସହିତ ୧୦ କି.ଗ୍ରା. ଜିଙ୍କ୍ ସଲ୍‌ଫେଟ୍ ଅଣୁସାର ପ୍ରୟୋଗ କରନ୍ତୁ ।
- ମାତ୍ରାଧିକ ବର୍ଷା ତଥା ବନ୍ୟା ପରେ ନାଳ, ନଦୀ ଓ କେନାଲ ନିକଟବର୍ତ୍ତୀ ଧାନ ଫସଲରେ ଲେଡ଼ା ପୋକର ପ୍ରାଦୁର୍ଭାବ ଦେଖାଦେଇ ପାରେ । ଏଥିପାଇଁ ସଂଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ (କ୍ଲୋରୋପାଇରିଫସ୍ + ସାଇପରମେଥ୍ରିନ୍) କିମ୍ବା (କ୍ୱିନାଲ୍‌ଫସ୍ + ସାଇପର୍‌ମେଥ୍ରିନ୍) କୀଟନାଶକ ମିଶାଇ ଜମି ହୁଡ଼ାରେ ସିଂଚନ କରନ୍ତୁ । ଧାନ କିଆରୀ ନିକଟରେ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ ପୋକକୁ ଧରି ନଷ୍ଟ କରି ଦିଅନ୍ତୁ ।
- ଅଧିକ ବର୍ଷା ହେତୁ ସହଳ ରୁଆଧାନରେ ପତ୍ରମୋଡ଼ା ପୋକର ପ୍ରାଦୁର୍ଭାବ ଅଧିକ ହୋଇପାରେ । ଏହି ସ୍ଥାନରେ ଅନୁମୋଦିତ ପରିମାଣରୁ ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ଓ ଜମିରେ କାର୍ବୋଫ୍ୟୁରାନ୍ ଜାତୀୟ ଦାନାଦାର ବ୍ୟବହାର କରନ୍ତୁ ନାହିଁ । ପ୍ରତି ଲିଟର ପାଣିରେ ୨ ମି.ଲି. ଫିପ୍ରୋନିଲ୍ କିମ୍ବା ୨ ଗ୍ରାମ୍ ହିସାବରେ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ କୀଟନାଶକ ବିଷ ମିଶାଇ ସିଂଚନ କରନ୍ତୁ ।
- ବର୍ତ୍ତମାନ ପରିସ୍ଥିତିରେ ଅଧିକ ବର୍ଷା ହେତୁ ଧାନ ଫସଲରେ ପତ୍ର ଆଚ୍ଛାଦ ପଚା ରୋଗ ଅଧିକ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. ହେକ୍ସାକୋନାଜୋଲ୍ କିମ୍ବା ୧.୫ ମି.ଲି. ଡାଇଫେନ୍‌କୋନାଜୋଲ୍ ମିଶାଇ ସିଂଚନ କରନ୍ତୁ । ରୋଗ ସଂକ୍ରମଣର ତୀବ୍ରତା ଅଧିକ ଦୃଷ୍ଟିଗୋଚର ହେଲେ ଏକର ପ୍ରତି ୮୦ ଗ୍ରାମ୍ (ଟେବୁକୋନାଜୋଲ୍ + ଟ୍ରାଇଫ୍ଲୋକ୍ସାଷ୍ଟ୍ରୋବିନ୍) ୭୫ ଡବ୍ଲୁ.ଜି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏହି କ୍ଷେତ୍ରରେ ଯବକ୍ଷାରଜାନ ସାର ପ୍ରୟୋଗ ନିୟନ୍ତ୍ରଣ କରନ୍ତୁ ।

- ବିଶେଷତଃ ଉଚ୍ଚ ଓ ମଧ୍ୟମ ଜମିରେ ଧାନ ଫସଲର ସଂପୂର୍ଣ୍ଣ ନଷ୍ଟ ସ୍ଥିତିରେ ପ୍ରାକ୍ ରବି ଫସଲ ହିସାବରେ ବିରି, କୋଳଥ, ରାଗି ଓ ଲତା ଜାତୀୟ ପନିପରିବା ଲଗାନ୍ତୁ ।

**ମକା :**

- ଏହି ସମୟରେ ପ୍ରତି ମକା ଜମିରୁ ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ।
- ଏହି ସମୟରେ ଫଲ୍ଆର୍ମି ୱ୍ୱାର୍ମର ଗତିବିଧିକୁ ନିରୀକ୍ଷଣ କରନ୍ତୁ । ଆବଶ୍ୟକ ହେଲେ ଏକର ପ୍ରତି ୨୦୦ ମି.ଲି. ସ୍ପାଇନେଟୋରାମ୍ ଅଥବା ୧୦୦ ଗ୍ରାମ୍ ଏମାମେକ୍ଟିନ୍ ବେନ୍‌ଜୋଏଟ୍‌କୁ ସିଂଚନ କରନ୍ତୁ । ୧୦ କି.ଗ୍ରା. କୁଣ୍ଡା ସହ ଏକ କି.ଗ୍ରା. ଗୁଡ଼ ଓ ୧୦୦ ଗ୍ରାମ୍ ଥାୟୋଡିକାର୍ବକୁ ହାଲୁକା ପାଣି ସହ ମିଶାଇ ବିଷ ଥୋପ ପ୍ରସ୍ତୁତ କରନ୍ତୁ ଓ ଏହାକୁ ମକା ଗଛର ପତ୍ର ସନ୍ଧି ଓ ଜମିର ବିଭିନ୍ନ ସ୍ଥାନରେ ରଖନ୍ତୁ ।

**ଡାଲିଜାତୀୟ ଫସଲ :**

- ଅଧିକ ବର୍ଷା ତଥା ବାୟୁମଣ୍ଡଳର ଆପେକ୍ଷିକ ଆର୍ଦ୍ରତା ହେତୁ ମୁଗ, ବିରି ଆଦି ଫସଲରେ ସର୍‌କୋସ୍ପୋରା ପତ୍ରଚିତା ରୋଗ ବୃଦ୍ଧି ପାଇବ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ୍ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍) ଓ ଡାଇଫେନୋକୋନାଜୋଲ୍ କବକ ନାଶକ ମିଶାଇ ୮ ରୁ ୧୦ ଦିନ ଅନ୍ତରରେ ଅଦଳ ବଦଳ କରି ଦୁଇଥର ସିଂଚନ କରନ୍ତୁ ।
- ଡାଲିଜାତୀୟ ଫସଲ ଯଥା : ମୁଗ, ବିରି, ଝୁଡ଼ଙ୍ଗ, ଡଙ୍ଗରରାଣୀରେ କାଳିମୁଣ୍ଡି ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍ ୫୦% + ସାଇପର୍‌ମେଥ୍ରିନ୍ ୫% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ଅପରାହ୍ନରେ ସିଂଚନ କରନ୍ତୁ ।
- ମୂଳସଢ଼ା ରୋଗ ଲାଗୁଥିଲେ ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୪୦୦ ମି.ଲି. ଭାଲିଡ଼ା ମାଇସିନ୍ ୩% ଏଲ୍ ୨୦୦ ଲିଟର ପାଣିରେ ମିଶାଇ ମୂଳକୁ ସିଂଚନ କରନ୍ତୁ ।
- ଡାଲିଜାତୀୟ କିମ୍ବା ଚିନାବାଦାମ ଫସଲରେ କାଳିମୁଣ୍ଡି ପୋକ ଦମନ ପାଇଁ ହେକ୍ଟର ପ୍ରତି ୩ ଲିଟର ପାଣିରେ ୫ କି.ଗ୍ରା. କୁଣ୍ଡା, ୫୦୦ ଗ୍ରାମ୍ ଗୁଡ଼ ଓ ଥାୟୋଡ଼ିକାର୍ବ ୧୦୦ ଗ୍ରାମ୍‌କୁ ମିଶାଇ ବିଷ ଥୋପ ପ୍ରସ୍ତୁତ କରି ସଂଧ୍ୟା ସମୟରେ ଜମିରେ ରଖନ୍ତୁ ।

**ଚିନାବାଦାମ :**

- ବର୍ଷା ପରେ ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ଓ ଟୀକା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ (ମେଟାଲାକ୍ସିଲ୍ + ମାଙ୍କୋଜେବ୍) କିମ୍ବା ପ୍ରତି ଲିଟର ପାଣିରେ ଟେବୁକୋନାଜୋଲ୍ ୧.ମି.ଲି. ସିଂଚନ କରନ୍ତୁ ।

**କପା :**

- ଅତ୍ୟଧିକ ବର୍ଷା ଯୋଗୁ କପା ଗଛ ପଡ଼ିଯାଇଥିଲେ ଏହାକୁ ସିଧା କରି ମୂଳକୁ ମାଟି ଦେଇ ଟାଣ କରନ୍ତୁ ।
- ଅଧିକ ବର୍ଷା ଯୋଗୁଁ ବକରା ଆସିବାରେ ବିଳମ୍ବ ହୋଇପାରେ । ଏଥିପାଇଁ ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ଆଲ୍‌ଫା ନାପ୍‌ଥାଇଲ୍ ଏସିଟିକ୍ ଏସିଡ୍ ମିଶାଇ ସିଂଚନ କରନ୍ତୁ ।
- ମୂଳସଢ଼ା ରୋଗର ଲକ୍ଷଣ ଦେଖାଦେଲେ ଏକର ପ୍ରତି ୪୦୦ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମାନ୍‌କୋଜେବ୍ ୬୪% ଡବ୍ଲୁ.ପି. ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଂଚନ କରନ୍ତୁ ।
- ଅତ୍ୟଧିକ ପାଣି ଥିଲେ ନିଷ୍କାସନ କରନ୍ତୁ ।

**ପନିପରିବା :**

- ବର୍ଷା ଯୋଗୁଁ ପୋଟଳ, କାକୁଡ଼ି, କଖାରୁ, ଜହ୍ନି ଆଦି ଲତା ଜାତୀୟ ପନିପରିବା ଆଦି ଫସଲ ପ୍ରଭାବିତ ହୋଇଥିଲେ ଅମଳ ଉପଯୋଗୀ ପନିପରିବା ତୋଳି ରଞ୍ଜା / ଟ୍ରେଲି ଓଲଟି ପଡ଼ିଥିଲେ ସଳଖ କରି ଦିଅନ୍ତୁ ।

- ବର୍ଷା ପରବର୍ତୀ ଅବସ୍ଥାରେ ପୋଟଳ ଓ କଖାରୁ ଜାତୀୟ ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଡଙ୍କପଚା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ (ମେଟାଲାକ୍ସିଲ୍ + ମାଙ୍କୋଜେବ୍) ଓ ୦.୬ ଗ୍ରାମ୍ ଆଜୋକ୍ସିଷ୍ଟ୍ରୋବିନ୍ ଅଦଳବଦଳ କରି ୧୦ ଦିନ ଅନ୍ତରରେ ସିଂଚନ କରନ୍ତୁ ।
- ପନିପରିବା ତଳିଘେରାରେ ତଳି ସଢ଼ିଗଲେ ସଢ଼ା ତଳି ଉପାଡ଼ି ଦିଅନ୍ତୁ । ବର୍ଷା କମିଗଲା ପରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍ କିମ୍ବା ସାଇମୋକ୍ସାନିଲ୍ + ମାଙ୍କୋଜେବ୍) ମାଟି ଓ ମୂଳରେ ସିଂଚନ କରନ୍ତୁ ।
- ବର୍ଷା କମିଗଲା ପରେ ପନିପରିବା ଫସଲରେ ସଢ଼ା ଡାଳ ସବୁ କାଟି ବାହାରେ ପକାଇ ଦିଅନ୍ତୁ ଓ ଗଛ ନଇଁ ଯାଇଥିଲେ ମାଟି ମୂଳକୁ ଟେକି ଦିଅନ୍ତୁ ।
- ବର୍ଷା ପରବର୍ତୀ ସମୟରେ ବାଇଗଣ ଫସଲରେ ଝାଉଁଳା ରୋଗ ନିରାକରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧ ମି.ଲି. ଟେବୁକୋନାଜୋଲ୍ କିମ୍ବା ୨ ଗ୍ରାମ୍ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍) ସହିତ ୧ ଗ୍ରାମ୍ ହିସାବରେ ପ୍ଲାଂଟୋମାଇସିନ୍ ମିଶାଇ ଫସଲର ମୂଳରେ ସିଂଚନ କରନ୍ତୁ ।
- ବର୍ଷା ପରେ ଭେଣ୍ଡି ଫସଲରେ ସର୍‌କୋସ୍ପୋରା ପତ୍ର ଦାଗ ରୋଗ ଓ କଲରା ଫସଲରେ ପତ୍ର ଦାଗ ଓ ପତ୍ର ପୋଡ଼ା ରୋଗ ବୃଦ୍ଧି ପାଇବ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍) ମିଶାଇ ପ୍ରୟୋଗ କରନ୍ତୁ ।

**ଫଳ ବଗିଚା :**

- ଫଳ ବଗିଚାରେ ପାଣି ଜମିଥିଲେ ପାଣିକୁ ତୁରନ୍ତୁ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।

**ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।**